# NATIONAL NEWS BULLETIN (ODIA)

## 3 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ବେଙ୍ଗାଲୁରୁରେ ନିମ୍‌ହାନ୍ସର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ନୂଆଦିଲ୍ଲୀରେ ଆଜି ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ମଧ୍ୟପ୍ରଦେଶରେ ଆଜିଠାରୁ ଆରମ୍ଭ ହେଉଛି ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ।
- ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଶପଥଗ୍ରହଣ କରିବେ ଡକ୍ଟର ହରିବାବୁ କମ୍ଭମପତି ।

ଏବଂ

- ବର୍ଡ଼ର ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ବ୍ୟାଟିଂ କରୁଛି ଭାରତ ।

# ପ୍ରେଜ୍-ଗୋଲଡେନ୍ ଜୁବ୍‌ଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବେଙ୍ଗାଲୁରୁରେ ନିମ୍‌ହାନ୍ସର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ରାଷ୍ଟ୍ରପତି ଏକ ନୂଆ ମାନସିକ ରୋଗ ବ୍ଲକ୍ କେନ୍ଦ୍ରୀୟ ପରୀକ୍ଷାଗାର କୋଠା ଓ ଛାତ୍ରାବାସ କୋଠାକୁ ଉଦ୍‌ଘାଟନ କରିବେ । ଶ୍ରୀମତୀ ମୁର୍ମୁ ଅତ୍ୟାଧୁନିକ ଥ୍ରୀଟି ଏମ୍.ଆର୍.ଆଇ. ସ୍କାନର୍ ଓ ଡି.ଏସ୍.ଏ. ଯନ୍ତ୍ରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ଏମ୍.ଆର୍.ଆଇ. ସ୍କାନର୍ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ଅଟେ, ଯାହା ମସ୍ତିଷ୍କର ସଠିକ ଚିତ୍ର ପ୍ରଦାନ କରିବା ସହ ଶୀଘ୍ର ରୋଗ ନିର୍ଣ୍ଣୟ କରିବାରେ ସହାୟକ ହେବ । ଡି.ଏସ୍.ଏ. ମେସିନ ସାହାଯ୍ୟରେ ରୋଟେସନାଲ୍ ଆଞ୍ଜିଓଗ୍ରାଫି ମାଧ୍ୟମରେ ମସ୍ତିଷ୍କରେ କ୍ଷୟକ୍ଷତିର ପରିମାଣ ଆକଳନ କରାଯାଇପାରିବ । ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉତ୍ତର କର୍ଣ୍ଣାଟକର ବେଲଗାଭିଠାରେ ସ୍ୱଦେଶୀ କୌଶଳରେ ପ୍ରସ୍ତୁତ ଅତ୍ୟାଧୁନିକ କର୍କଟ ଚିକିତ୍ସାଳୟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ହେବାକୁ ଥିବା ଉତ୍ସବରେ ରାଜ୍ୟପାଳ ଥାୱାର୍‌ଚାନ୍ଦ ଗେହଲଟ, କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପ୍ରହ୍ଲାଦ ଯୋଶୀ ପ୍ରମୁଖ ଉପସ୍ଥିତ ରହିବେ ।

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଜେ.ଜେ. କ୍ଲଷ୍ଟର୍ ବାସିନ୍ଦାଙ୍କ ପାଇଁ ପ୍ରାୟ ୧୭ ହଜାର ନବନିର୍ମିତ ବାସଗୃହକୁ ଉଦ୍‌ଘାଟନ କରିବା ସହିତ ଅଶୋକ ବିହାର ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଚାବି ହସ୍ତାନ୍ତର କରିବେ । ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଇନ୍-ସିଟୁ ବସ୍ତି ଥଇଥାନ ପ୍ରକଳ୍ପର ଏହି ନବନିର୍ମିତ ଗୃହ ଗୁଡ଼ିକ ହେଉଛି ଦ୍ୱିତୀୟ ସଫଳ ପଦକ୍ଷେପ । ଜେ.ଜେ. କ୍ଲଷ୍ଟରବାସୀନ୍ଦାଙ୍କୁ ଉପଯୁକ୍ତ ସୁବିଧା ସହିତ ଉନ୍ନତ ତଥା ସୁସ୍ଥ ଜୀବନଯାପନ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ।

ନୌରୋଜି ନଗର ଠାରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଏବଂ ସରୋଜିନୀ ନଗରରେ ଜେନେରାଲ୍ ପୁଲ୍ ଆବାସିକ ଆବାସ ଟାଇପ୍-୨ କ୍ୱାଟର୍ସ୍ ଭଳି ଦୁଇଟି ସହରାଞ୍ଚଳ ପୁନଃନିର୍ମାଣ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ବିଶ୍ୱବାଣିଜ୍ୟ କେନ୍ଦ୍ରର ୬୦୦ରୁ ଅଧିକ ଜରାଜୀର୍ଣ୍ଣ ଗୃହ ବଦଳରେ ଅତ୍ୟାଧୁନିକ ବାଣିଜ୍ୟିକ ଟାୱାର୍‌ରେ ଏହି କ୍ୱାଟର୍ସ୍ ଗୁଡ଼ିକ ନିର୍ମାଣ କରାଯାଇଛି । ଏଥିରେ ୨ହଜାର ୫୦୦ରୁ ଅଧିକ ଆବାସିକ ଗୃହ ରହିଛି । ପ୍ରଧାନମନ୍ତ୍ରୀ ଦ୍ୱାରକା ଠାରେ ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟରେ

ନିର୍ମିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର୍ ସମନ୍ୱିତ କାର୍ଯ୍ୟାଳୟ ପରିସରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୬୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ତିନୋଟି ନୂତନ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ । ନଜଫଗଡ଼ର ରୋସନପୁରା ଠାରେ ବୀର ସାବରକର କଲେଜ୍‌ର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ନ୍ୟାସନାଲ୍ ଚିଲଡ୍ରେନ୍ସ-ସାଇନ୍ସ କଂଗ୍ରେସ

ମଧ୍ୟପ୍ରଦେଶରେ ଆଜିଠାରୁ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଆରମ୍ଭ ହେବ । ଭୋପାଳରେ ହେବାକୁ ଥିବା ଏହି ୪ ଦିନିଆ ଶିଶୁ ବିଜ୍ଞାନ କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଉଦ୍‌ଘାଟନ କରିବେ ।

ଦେଶର ବିଭିନ୍ନ ରାଜ୍ୟରୁ ୭୦୦ରୁ ଅଧିକ ଶିଶୁ ବୈଜ୍ଞାନିକ ଓ ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହା ବ୍ୟତୀତ ବାହାରିନ୍, ୟୁ.ଏ.ଇ., କୁଏତ, ଓମାନ ଏବଂ ସାଉଦି ଆରବରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

ଚଳିତ ବର୍ଷ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ବିଷୟବସ୍ତୁ ରହିଛି 'ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ପରିବେଶ ବ୍ୟବସ୍ଥାକୁ ବୁଝିବା' । ଏହି

କାର୍ଯ୍ୟକ୍ରମ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଏବଂ ସମାଜରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଉଦ୍ଭାବନ ଲାଗି ପ୍ରେରଣା ଯୋଗାଇବ । ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଆୟୋଜନ କରାଯାଇଥାଏ ।

## ଉଦ୍ୟାନ ଉତ୍ସବ-ରାଷ୍ଟ୍ରପତି ନିଳୟମ

ହାଇଦ୍ରାବାଦ ଉପକଣ୍ଠ ବୋଲାରୁମ ସ୍ଥିତ ରାଷ୍ଟ୍ରପତି ନିଳୟମ ଠାରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଫୁଲ ଓ ଉଦ୍ୟାନ କୃଷି ମହୋତ୍ସବ, ଉଦ୍ୟାନ ଉତ୍ସବ ୨୦୨୫କୁ ୬ ହଜାରରୁ ଅଧିକ ଲୋକ ପରିଦର୍ଶନ କରିଛନ୍ତି । ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ପରି ସେଠାରେ ମଧ୍ୟ ରାଷ୍ଟ୍ରପତି ନିଳୟମରେ ୧୨ ଦିନିଆ ଉଦ୍ୟାନ ଉତ୍ସବ ଆୟୋଜନ କରାଯାଇଛି । ବିଭିନ୍ନ ପ୍ରକାରର ଫୁଲ ଏବଂ ଅଣ ଫୁଲ ଜାତୀୟ ଗଛ ପ୍ରଦର୍ଶନ କରିବା ପାଇଁ ଏହା ଏକ ଅନନ୍ୟ ପ୍ଲାଟ୍‌ଫର୍ମ ।

ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ଉଦ୍ୟାନ କୃଷି ବିଭାଗ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଏହି ଉତ୍ସବରେ ୫୦ଟି ଷ୍ଟଲ୍ ସ୍ଥାପନ କରାଯାଇଛି । ଉଦ୍ୟାନ ଉତ୍ସବର ଏକ ଅଂଶ ଭାବରେ ବିଭିନ୍ନ ଫସଲ

ସମ୍ବନ୍ଧୀୟ କର୍ମଶାଳା, ପ୍ରାକୃତିକ ଚାଷ ଓ ସ୍ଥାୟୀ ଉଦ୍ୟାନ କୃଷି ପଦ୍ଧତିର ମଧ୍ୟ ପ୍ରଦର୍ଶନ କରାଯିବ । ୧୨ ଦିନ ଧରି ଚାଲିବାକୁ ଥିବା ଉଦ୍ୟାନ ଉତ୍ସବରେ ଲୋକମାନଙ୍କ ମଧ୍ୟରେ ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ଉଦ୍ୟାନ କୃଷିର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ।

ସକାଳ ୧୦ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ବିନା ଦେୟରେ ଜନସାଧାରଣ ଉଦ୍ୟାନ ଉତ୍ସବ ପରିଦର୍ଶନ କରିପାରିବେ ।

## ଓଡ଼ିଶା ଗଭର୍ଣ୍ଣର

ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପତି ଆଜି ଶପଥଗ୍ରହଣ କରିବେ । ଆଜି ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ଭୁବନେଶ୍ୱର ରାଜଭବନର ନ୍ୟୁ ଅଭିଶେକ ହଲ୍‌ରେ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଡକ୍ଟର କମ୍ଭମ୍‌ପତିଙ୍କୁ ଶପଥପାଠ କରାଇବେ । ଗତକାଲି ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ ।

ପୂର୍ବରୁ ଡକ୍ଟର କମ୍ଭମ୍ପତି ମିଜୋରାମର ରାଜ୍ୟପାଳ ଭାବେ  ଦାୟିତ୍ୱ ନିର୍ବାହ କରିଥିଲେ । ସେ ୨୦୨୧ ଜୁଲାଇ ୨୧ ତାରିଖରେ ମିଜୋରାମର ୨୨ତମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ । ତିନି ବର୍ଷ ୫ ମାସରୁ ଅଧିକ ସମୟ ମିଜୋରାମର ରାଜ୍ୟପାଳ ଭାବେ ସେ କାର୍ଯ୍ୟ କରିଥିଲେ ।

## ବିଜେପି-ଇଲେକସନ୍ ଅଫିସର୍

ବିଜେପି ଦଳର ରାଜ୍ୟସଭାପତି ଏବଂ ଜାତୀୟ ପରିଷଦ ସଦସ୍ୟ ନିର୍ବାଚନ ନିମନ୍ତେ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଛି । ଦଳର ବରିଷ୍ଠ ସଦସ୍ୟ ଓ କେନ୍ଦ୍ର ମନ୍ତ୍ରୀମାନେ ନିର୍ବାଚନ ଅଧିକାରୀ ରହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଗୁଜରାଟ ପାଇଁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଥିବା ବେଳେ ଶିବରାଜ ସିଂହ ଚୌହାନଙ୍କୁ କର୍ଣ୍ଣାଟକ, ପୀୟୂଷ ଗୋୟଲଙ୍କୁ ଉତ୍ତର ପ୍ରଦେଶ, ମନୋହର ଲାଲଙ୍କୁ ବିହାର, କୀରଣ ରିଜିଜୁଙ୍କୁ ସିକ୍କିମ୍ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟପ୍ରଦେଶ ପାଇଁ ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇଛି ।

# ଇୟର୍ ଏଣ୍ଡର-ପାୱାର୍

ଆକାଶବାଣୀ ସମ୍ବାଦବିଭାଗ ପକ୍ଷରୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ବିଭିନ୍ନ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ଉପରେ ସିରିଜ୍ ପ୍ରସ୍ତୁତ କରିଛି । ଏହି କ୍ରମରେ ଆଜି ଆସନ୍ତୁ ଶୁଣିବା ଶକ୍ତି ମନ୍ତ୍ରଣାଳୟର ସଫଳତା ବିଷୟରେ ।

ସମସ୍ତଙ୍କ ପାଇଁ ଭରସା ଯୋଗ୍ୟ ସୁଲଭ ଏବଂ ସ୍ୱଚ୍ଛ ଶକ୍ତି ସୁନିଶ୍ଚିତ କରିବା ପାଇଁ ଦେଶରେ ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ଦେଶର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୮୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ୨୦୧୪ରେ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୨୪୯ ଗିଗାୱାଟ୍ ଥିବା ବେଳେ ୧୦ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ରେ ଏହା ୪୫୭ ଗିଗା ୱାଟ୍‌କୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଦେଶ ୨୫୦ ଗିଗାୱାଟ୍ ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରିପାରିଛି । ଅକ୍ଷୟ ଶକ୍ତି କ୍ଷେତ୍ରରେ ଦେଶରେ ୨୦୧୪ରୁ ୧୨୯ ଗିଗାୱାଟ୍ ଅକ୍ଷୟଶକ୍ତି କ୍ଷମତା ହାସଲ ଲକ୍ଷ୍ୟ ରଖାଯାଇଛି । ଏଥିରେ ୯୧ ଗିଗାୱାଟ୍ ସୌରଶକ୍ତି, ୨୭ ଗିଗାୱାଟ୍ ପବନ ଶକ୍ତି ଏବଂ ୩ ଦଶମିକ୍ ୨ ଗିଗାୱାଟ୍ ବାୟୋମାସ୍ ଶକ୍ତି ରହିଛି । ୨୦୩୨ ମସିହା ସୁଦ୍ଧା ଜାତୀୟ ବିଦ୍ୟୁତ୍ ଶକ୍ତି ଯୋଜନାରେ ୪୫୮ ଗିଗାୱାଟ୍ ଶକ୍ତି ଚାହିଦା ପୂରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡ଼ିକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# କ୍ରିକେଟ୍

ବର୍ଡର ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆଜି ସିଡ୍‌ନୀ ଠାରେ ଆରମ୍ଭ ହୋଇଛି । ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ୨୫ ଓଭରରେ ୩ ଓ୍ୱିକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଛି ।

ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨-୧ରେ ଆଗୁଆ ରହିଛି । ପ୍ରଥମ ଟେଷ୍ଟ ମ୍ୟାଚ୍ ପର୍ଥରେ ଭାରତ ବିଜୟ ହାସଲ କରିଥିବା ବେଳେ ଗୋଲାପି ବଲ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତି ଶୃଙ୍ଖଳାକୁ ୧-୧ ସମାନ ସ୍ତରକୁ ଆଣିଥିଲା । ବ୍ରିସ୍‌ବେନ୍‌ର ତୃତୀୟ ଟେଷ୍ଟ ବର୍ଷା ଯୋଗୁଁ ଅମିମାଂଶିତ ଭାବେ ଶେଷ ହୋଇଥିବା ବେଳେ ମେଲ୍‌ବୋର୍ଣ୍ଣ ଚତୁର୍ଥ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ସିରିଜ୍‌ରେ ଆଗୁଆ ରହିଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ତାମିଲନାଡୁ ଡ୍ରାଗନ୍ସ ଏବଂ ୟୁ.ପି. ରୁଦ୍ରାସ୍ ମଧ୍ୟରେ ମୁକାବିଲା ହେବ । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ପୁରୁଷ ବର୍ଗର ଏହି ମ୍ୟାଚ୍ ରାତି ୮ଟା ୧୫

ମିନିଟ୍‌ରେ ଖେଳାଯିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ସଂଧ୍ୟାରେ ଆୟୋଜିତ ମ୍ୟାଚ୍‌ରେ ୟୁ.ପି. ରୁଦ୍ରାସ ୩-୦ ଗୋଲ୍‌ରେ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି । ୟୁପି ରୁଦ୍ରାସର ଏହା ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ୬ ପଏଣ୍ଟ ସହ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି ।